ଓଡ଼ିଶାର ପ୍ରଥମ ରଙ୍ଗୀନ ଦୈନିକ ମଧ୍ୟାହ୍ନ ଖବରକାଗଜ

RNI NO - ORIORI/2006/19548
Visit us at : http:// amarajdhani.epapertoday.com

ଆମ ରାଜଧାନୀ
AMA RAJDHANI
Odisha's First Colour Mid-Day Daily
Rs.1.00

ବର୍ଷ:୩, ସଂଖ୍ୟା -୨୮୪, ଭୁବନେଶ୍ୱର, ତା ୦୭.୦୨.୨୦୧୦, ରବିବାର | Vol-III, Issue-284, Bhubaneswar, Dt 07.02.2010, Sunday

# ଚିଦାମ୍ବରମ୍‌ଙ୍କୁ ପ୍ରଶଂସା କଲେ ମୋଦୀ

ନୂଆଦିଲ୍ଲୀ – ଦେଶରେ ଆତଙ୍କବାଦୀମାନଙ୍କ କାର୍ଯ୍ୟକଳାପକୁ ରୋକିବାରେ ସଠିକ୍ ପଦକ୍ଷେପ ନେଇଥିବାରୁ ଗୃହମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କୁ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ଦରଦାମ୍ ବୃଦ୍ଧିକୁ ନେଇ ଅର୍ଥମନ୍ତ୍ରୀ ପ୍ରଣବ ମୁଖାର୍ଜୀଙ୍କୁ କଟୁ ସମାଲୋଚନା କରିଥିବା ଶ୍ରୀ ମୋଦୀ ଚିଦାମ୍ବରମ୍‌ଙ୍କୁ ଧନ୍ୟବାଦ ଦେଇ କହିଛନ୍ତି ଯେ ଭଲ କାମ ପାଇଁ ପ୍ରଶଂସା କରାଯିବା ଉଚିତ୍ । ପଡ଼ୋଶୀ ଦେଶର ବିରୋଧି ମନୋଭାବ ପାଇଁ ସୁରକ୍ଷା ବ୍ୟବସ୍ଥା ଦେଶର ସବୁଠୁ ବଡ଼ କଥା ବୋଲି ସେ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଛନ୍ତି । ଗୁଜରାତର ଅପରାଧି ନିୟନ୍ତ୍ରଣ ବିଲ୍ ଗୁଜ୍‌କୋକୁ କେନ୍ଦ୍ର ସରକାର ସ୍ୱୀକୃତି ପ୍ରଦାନ କରୁନଥିବା ବିଷୟରେ ଶ୍ରୀ ମୋଦୀ କହିଲେ ଯେ ସୁରକ୍ଷା ବ୍ୟବସ୍ଥା ପାଇଁ ଆମକୁ ଦୁଇଟି ଦିଗ ଉପରେ ଦୃଷ୍ଟି ଦେବାକୁ ପଡ଼ିବ । ପ୍ରଥମତଃ ଆଧୁନୀକ ଅସ୍ତ୍ରଶସ୍ତ୍ର, ଦ୍ୱିତୀୟତଃ ସୁରକ୍ଷା କର୍ମଚାରୀଙ୍କ ସଂଖ୍ୟାବୃଦ୍ଧି ସହିତ କଡ଼ା ନିୟମ ପ୍ରଚଳନ । ଭଲ ନିୟମ ଫଳରେ ଗଣତନ୍ତ୍ର ସଫଳ ହୋଇପାରିବ ବୋଲି ସେ କହିଥିଲେ ।

## ବିମାନର ଜରୁରୀ ଅବତରଣ

ମୁମ୍ବାଇ : ମୁମ୍ବାଇରୁ ଦୁବାଇ ଯାଉଥିବା ବିମାନରେ ଆତଙ୍କବାଦୀ ଥିବା ଏକ ଫୋନ୍ କଲ୍ ସକାଳେ ମିଳିଥିଲା । ଏହି ଫୋନ୍ କଲ୍ ଆସିବା ପରେ ବିମାନକୁ ଇମରଜେନ୍ସି ଅବତରଣ କରାଯାଇଥିଲା । ବିମାନ ନମ୍ବର ୫୦୫ରେ ସକାଳେ ୯.୩୦ରେ କଲ୍ ଆସିବାବେଳେ ୩୫୬ ଜଣ ଯାତ୍ରୀଙ୍କୁ ପୁନର୍ବାର ଯାଞ୍ଚ କରାଯାଇଥିଲା । ପରେ ଶାହାବାଜ ଏବଂ ତାଙ୍କ ପତ୍ନୀଙ୍କୁ ପଚରା ଉଚୁରା କରାଯିବାକୁ ରଖାଯାଇ ଅନ୍ୟମାନଙ୍କୁ ନେଇ ବିମାନ ଉଡ଼ାଣ ଆରମ୍ଭ କରିଥିଲା ।

## ବିଟି ବାଇଗଣ ବିରୋଧି ଆନ୍ଦୋଳନ ତେଜିଲା

ହାଇଦ୍ରାବାଦ : କେନ୍ଦ୍ର ପରିବେଶ ମନ୍ତ୍ରୀ ଜୟରାମ ରମେଶ ବିଟି ବାଇଗଣ ଆଲୋଚନାରେ ଭାଗ ନେଇ ହାଇଦ୍ରାବାଦଠାରେ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି । ଫେବୃଆରୀ ୧୦ ତାରିଖରେ ବିଟି ବାଇଗଣ ଉପରେ ନିଷ୍ପତ୍ତି ନେବାକୁ ଯାଉଥିବାରୁ ଏହାର ପ୍ରଚାର ଉପରେ କେନ୍ଦ୍ରମନ୍ତ୍ରୀ ହାଇଦ୍ରାବାଦ ଠାରେ କୃଷକ, ବୈଜ୍ଞାନିକ, ତଥା ବୁଦ୍ଧିଜୀବୀମାନେ ପ୍ରବଳ ବିରୋଧ କରିଛନ୍ତି । ଦେଶର ୫୦ ପ୍ରତିଶତ ରାଜ୍ୟରେ ବିଟି ବାଇଗଣକୁ ବିରୋଧ କରାଯାଉଥିବା ବେଳେ ଆଉ ଅଧେ ରାଜ୍ୟ ଏହି ନୂତନ ପ୍ରକାର ବାଇଗଣକୁ ସମର୍ଥନ କରିଛନ୍ତି । ଆନ୍ଧ୍ରପ୍ରଦେଶ ସରକାର ଅଫିସିଆଲ ଭାବେ ଏହି ବାଇଗଣକୁ ବିରୋଧ କରୁଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା, ବିହାର, କେରଳ, କର୍ଣ୍ଣାଟକ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ରହିଛନ୍ତି । ବୈଜ୍ଞାନିକ ପ୍ରଣାଳୀରେ ଉତ୍ପନ୍ନ ହେବାପାଇଁ ଯାଉଥିବା ବିଟି ବାଇଗଣକୁ କୃଷକମାନେ ପ୍ରବଳ ବିରୋଧ କରୁଛନ୍ତି ।

# ନବୀନଙ୍କୁ ଆୟତ୍ତକୁ ଆଣିବା ପାଇଁ ପ୍ୟାରୀଙ୍କ କୌଶଳ



ଭୁବନେଶ୍ୱର : ଦୀର୍ଘ ଦଶ ବର୍ଷ ଧରି ରାଜ୍ୟ ଶାସନର ମଙ୍ଗ ଧରିଥିବା ଓ ବିଜେଡ଼ିର ସୁପ୍ରିମୋ ଭାବରେ ପ୍ରତିଷ୍ଠିତ ହୋଇଥିବା ନବୀନ ପଟ୍ଟନାୟକ ଉଭୟ ଶାସନ ଓ ସଂଗଠନରେ ପ୍ୟାରୀମୋହନ ମହାପାତ୍ରଙ୍କର ନିର୍ଦ୍ଦେଶ, ପରାମର୍ଶ ଓ ଇଙ୍ଗିତରେ କାର୍ଯ୍ୟ କରିଆସୁଥିଲେ ବୋଲି ରାଜ୍ୟ ଶାସନ ଓ ରାଜନୀତି ସହିତ ଜଡ଼ିତ ସମସ୍ତେ ଜାଣିଥିଲେ । ମୋଟାମୋଟି ଭାବରେ ନବୀନ ପଟ୍ଟନାୟକ ସମ୍ପୂର୍ଣ୍ଣ ଭାବରେ ପ୍ୟାରୀଙ୍କ ନିୟନ୍ତ୍ରଣରେ ଥିଲେ ବୋଲି ବିଚାର କରାଯାଉଥିଲା ଓ ସେହି ଅନୁସାରେ ଶାସନ କଳ ଓ ରାଜନୀତି ସହିତ ଜଡ଼ିତ ବ୍ୟକ୍ତିମାନେ ଓ ନେତାମାନେ ନବୀନଙ୍କ ଠାରୁ କୌଣସି ନିଷ୍ପତ୍ତି ଚାହୁଁଥିଲେ ପ୍ରଥମେ ପ୍ୟାରୀଙ୍କୁ ସନ୍ତୁଷ୍ଟ କରୁଥିଲେ ବା ତାଙ୍କ ପାଖରେ ପହଞ୍ଚୁଥିଲେ । ଯଦିଓ ନବୀନ ପଟ୍ଟନାୟକଙ୍କୁ ଯଦି କେହି ଏ କଥା କହୁଥିଲା, ସେ ସବୁବେଳେ ଗୋଟିଏ ଉତ୍ତର ଦେଉଥିଲେ, 'ହମ୍ କ୍ୟା ବଚ୍ଚା ହୁଁ ?' ଯଦିଓ ଏହି ବକ୍ତବ୍ୟକୁ କେହି ବିଶ୍ୱାସ କରୁନଥିଲେ । କିନ୍ତୁ ଗତ କେତେମାସର ଘଟଣାବଳୀରୁ ଜଣାପଡୁଛି ଯେ ନବୀନ ଆଉ ପ୍ୟାରୀଙ୍କ ନିୟନ୍ତ୍ରଣରେ ନାହାନ୍ତି । ନବୀନ ଏବେ ପ୍ୟାରୀଙ୍କ ଆୟତ୍ତର ବାହାରକୁ ଚାଲିଯାଇଛନ୍ତି । ଅର୍ଥାତ୍ ନବୀନ ଅବ୍ ବଚ୍ଚା ନେହିଁ ରହା ।

ଏହି ନୂତନ ଅବସ୍ଥା ବିଜେଡ଼ିରେ ଅନେକଙ୍କ ପାଇଁ ଅଶ୍ୱସ୍ତିକର ହୋଇଥିବା ସମୟରେ ଆଉ କେତେକଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଛି । କିନ୍ତୁ ସମସ୍ତେ ଜାଣନ୍ତି ପ୍ୟାରୀ ମହାପାତ୍ର ସହଜରେ ହାର ମାନିବା ଲୋକ ନୁହଁନ୍ତି । ନବୀନଙ୍କୁ ଆୟତ୍ତକୁ ଆଣିବା ପାଇଁ ତାଙ୍କ ପାଖରେ ଅସ୍ତ୍ର ଓ କୌଶଳର ଅଭାବ ନାହିଁ । ବିଜେଡ଼ିର ଅନ୍ୟ ନେତାମାନଙ୍କ ପରି ସେ ଭୟାଳୁ ବା ପଦବୀ ଲିପ୍ସୁ ନୁହଁନ୍ତି । ସେ ବାସ୍ତବ କ୍ଷମତାରେ ବିଶ୍ୱାସ କରନ୍ତି ଓ ନିଜର ଭାବନା ଓ ମତ ପ୍ରକାଶ କରିବାରେ ଆଦୌ କୁଣ୍ଠା ପ୍ରକାଶ କରନ୍ତି ନାହିଁ । ନବୀନ କାହାକୁ ଭୟ କରନ୍ତି ବା କେଉଁ ଅବସ୍ଥାକୁ ମୁକାବିଲା କରିପାରନ୍ତି ନାହିଁ, ତାହା ତାଙ୍କୁ ଭଲଭାବରେ ଜଣା । ଏଣୁ ନବୀନଙ୍କୁ ପୁଣି ଆୟତ୍ତକୁ ଆଣିବା ପାଇଁ ସେ ସେହି ସବୁ କୌଶଳ ଗୋଟିଏ ପରେ ଗୋଟିଏ ପ୍ରୟୋଗ କରିଚାଲିଛନ୍ତି । ଏହି କୌଶଳର ଗୋଟିଏ ଦିଗ ହେଲା ଯେ ବିଜୁ ଭକ୍ତ କିନ୍ତୁ ନବୀନ ବିରୋଧୀ ସବୁ ପୂର୍ବତନ ଜନତା ଦଳ ନେତାମାନେ ପୁନର୍ବାର ଏକାଠି ହେଉଥିବା ଓ ବିଜେଡ଼ି ଭିତରୁ କିଛି ନେତା ସେମାନଙ୍କୁ ସହାୟତା କରୁଥିବା ନେଇ ପ୍ରଚାର କରିବା । ଏହି କ୍ରମରେ ଓଡ଼ିଶା ଜନତା ଦଳ ନାମରେ ଖୁବ୍ ଶୀଘ୍ର ଏକ ନୂଆ ଦଳ ଗଠନ ହେବାକୁ ଯାଉଛି ଏବଂ ସେଥିରେ କେଉଁ କେଉଁମାନେ ଏକାଠି ହେବାକୁ ଯାଉଛନ୍ତି ସେ ନେଇ ବିଭିନ୍ନ ଗଣମାଧ୍ୟମରେ ସମ୍ବାଦ ପ୍ରକାଶ ପାଉଛି ।

ତାଙ୍କର ଅନ୍ୟ ଏକ କୌଶଳ ହେଲା, ବିଜେଡ଼ି ସଂଗଠନ ବିଶେଷ ଭାବରେ ବିଜେଡ଼ି ଯୁବ ସମର୍ଥକମାନେ ତାଙ୍କ ସହିତ ଅଛନ୍ତି ବୋଲି ସେ ଦେଖାଇଦେବା ଚାହାନ୍ତି । କୌଣସି ପଦପଦବୀରେ ନଥିଲେ ମଧ୍ୟ ଗତ ଦଶ ବର୍ଷ ହେଲା ବିଜେଡ଼ି ସଂଗଠନକୁ ସେ ହିଁ ନିୟନ୍ତ୍ରଣ କରିଆସିଛନ୍ତି ଓ ବିଜେଡ଼ିର ଅଧିକାଂଶ କର୍ମକର୍ତ୍ତା ବସ୍ତୁତଃ ତାଙ୍କ ଦ୍ୱାରା ମନୋନୀତ । ଏଣୁ ସେ ଏବେ ବିଭିନ୍ନ ଜିଲ୍ଲାରେ ବିଜେଡ଼ି ସଭା ବା ସମାବେଶମାନ ଆୟୋଜନ କରାଇ ସେ ସବୁକୁ ନିଜେ ମୁଖ୍ୟ ନେତା ଭାବରେ ଯିବାକୁ ଆୟୋଜନ କରୁଛନ୍ତି । ଏ କ୍ଷେତ୍ରରେ ଜିଲ୍ଲା ବିଜେଡ଼ି ସଂଗଠନ ଅପେକ୍ଷା ବିଜୁ ଯୁବ ଜନତା ସଂଗଠନ ତାଙ୍କ ପାଇଁ ଅଧିକ ନିର୍ଭରଯୋଗ୍ୟ ହୋଇଥିବାରୁ ସେ ଅଧିକାଂଶ ଜିଲ୍ଲାରେ ବିଜୁ ଯୁବ ଜନତା ନାମରେ ସଭା ଡକାଇବାକୁ ନିର୍ଦ୍ଦେଶ ଦେଉଛନ୍ତି । ଏହି କ୍ରମରେ ଆସନ୍ତା ୧୧ ତାରିଖରେ ସମ୍ବଲପୁର ଓ ୧୭ ତାରିଖରେ ବଲାଙ୍ଗୀର ଯୁବ ବିଜେଡ଼ି ପକ୍ଷରୁ ସମାବେଶ ଆୟୋଜନ କରାଯାଉଛି । ସମ୍ବଲପୁରର ନୂତନ ଜିଲ୍ଲା ସଭାପତି ରୋହିତ୍ ପୂଜାରୀ ତାଙ୍କର ବିଶ୍ୱାସୀ ହୋଇଥିବାରୁ ସେ ଏ ବିଷୟରେ ତାଙ୍କୁ ସୂଚନା ଦେଇ ପୂରା ମାତ୍ରାରେ ତାଙ୍କୁ ଏଥିରେ ସାମିଲ୍ କରିଛନ୍ତି । କିନ୍ତୁ ବଲାଙ୍ଗୀର ଜିଲ୍ଲା ବିଜେଡ଼ି ସଭାପତି ଭାବରେ କଳିକେଶ ସିଂହଦେଓ ଥିବାରୁ ସେଠାରେ ସଭା ନେଇ ତାଙ୍କ ସହିତ ଆଲୋଚନା ହୋଇନାହିଁ । ସମ୍ବଲପୁର ସଭା ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ବ୍ୟସ୍ତ ହୋଇ ନବୀନଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସମୟରେ ବଲାଙ୍ଗୀର ସଭା ନେଇ ଅନଙ୍ଗ ଉଦୟ ସିଂହଦେଓ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଫେରାଦ ହୋଇଛନ୍ତି ।

ନବୀନ ଏବେ ପ୍ୟାରୀଙ୍କ ଆୟତ୍ତରୁ ବାହାରକୁ ଯାଇଥିବାର ସୁଯୋଗକୁ ପୁରା ମାତ୍ରାରେ ବ୍ୟବହାର କରିବା ପାଇଁ ବିଜେଡ଼ିର କିଛି ବରିଷ୍ଠ ନେତା ନବୀନଙ୍କ ନିକଟତର ହେବା ପାଇଁ ମେଣ୍ଟ ବାନ୍ଧୁଥିବାର ସୂଚନା ମଧ୍ୟ ମିଳିଲାଣି । ଅନଙ୍ଗ ଓ ପ୍ରସନ୍ନଙ୍କ ଛଡ଼ା ଦାମୋଦର ରାଉତ ଏହି ଗୋଷ୍ଠୀରେ ସାମିଲ୍ ହୋଇଥିବା କୁହାଯାଉଛି । କିନ୍ତୁ ବିଜେଡ଼ିର ଅଧିକାଂଶ ନେତା ଆଉ କିଛି ଦିନ ପରିସ୍ଥିତିକୁ ଲକ୍ଷ୍ୟ କରିବାକୁ ଚାହୁଁଛନ୍ତି ।

**ସମ୍ପାଦକୀୟ...**
**"ନେତାଗିରି"**

# ବିଜେପି କର୍ମକର୍ତ୍ତାଙ୍କୁ ମାଓବାଦୀଙ୍କ ହତ୍ୟା, ଜୁଏଲଙ୍କ ଉଦବେଗ

ଭୁବନେଶ୍ୱର : ସୁନ୍ଦରଗଡ ଜିଲ୍ଲା ବଣେଇ ସବ୍‌ଡିଭିଜନ ଅନ୍ତର୍ଗତ ଚାନ୍ଦିପୋଷ ଗ୍ରାମର ବିଜେପି କର୍ମକର୍ତ୍ତା ଶୁକୁରା ଓରାମଙ୍କୁ ଗତକାଲି ରାତିରେ ମାଓବାଦୀମାନେ ନୃଶଂସ ଭାବେ ହତ୍ୟା କରିଥିବାରୁ ବିଜେପି ରାଜ୍ୟ ସଭାପତି ଜୁଏଲ ଓରାମ ଏଥିନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ତୀବ୍ର ନିନ୍ଦା କରିଛନ୍ତି । ଏକ ବିବୃତିରେ ଶ୍ରୀ ଓରାମ କହିଛନ୍ତି ଯେ ମାଓବାଦୀମାନେ ବନ୍ଧୁକ ମୁନ ତଥା ବଳ ପ୍ରୟୋଗ କରି କ୍ଷମତା ଅକ୍ତିଆର ଚାହୁଁଥିବାରୁ ଏବଂ ଏଥିପାଇଁ ଆବଶ୍ୟକ ଜନସମର୍ଥନ ହାସଲ କରିବାରେ ବିଫଳ ହେବା ପରେ ପ୍ରତିହିଂସା ପରାୟଣ ହୋଇ ରାଜନୈତିକ କାର୍ଯ୍ୟକର୍ତ୍ତାମାନଙ୍କୁ ଟାରଗେଟ କରୁଛନ୍ତି । ଏହା ପୂର୍ବରୁ ମାଓବାଦୀମାନେ ଥୋମାସ ମୁଣ୍ଡା ଓ ରବି ଓରାମଙ୍କ ଭଳି ରାଜନୈତିକ କର୍ମକର୍ତ୍ତାଙ୍କୁ ହତ୍ୟା କରିଛନ୍ତି । ରାଜନୈତିକ କର୍ମକର୍ତ୍ତାମାନେ ଗଣତାନ୍ତ୍ରିକ ଉପାୟରେ ଭୋଟ ମାଧ୍ୟମରେ କ୍ଷମତା ହାସଲ କରୁଥିବା ବେଳେ ମାଓବାଦୀମାନେ ହିଂସା ମାଧ୍ୟମରେ ସେମାନଙ୍କ ଲକ୍ଷ୍ୟ ହାସଲ ପାଇଁ ସରଳ ନୀରିହ ଆଦିବାସୀମାନଙ୍କୁ ମଧ୍ୟ ହତ୍ୟା କରିବାକୁ ପଛାଉ ନାହାନ୍ତି । ମାଓବାଦୀମାନେ ଗରିବଙ୍କ ପାଇଁ ଲଢେଇ କରୁଥିବା କହୁଥିଲେ ହେଁ ପ୍ରକୃତରେ ସେମାନେ ଗରିବର ସାଥି ନୁହଁନ୍ତି, କେବଳ ଖଣି ଖାଦନରୁ ଲେଭି ଆଦାୟ କରିବା ସେମାନଙ୍କର ଲକ୍ଷ୍ୟ । ଏକଥା ରାଜନୈତିକ କର୍ମକର୍ତ୍ତାମାନେ ଲୋକମାନଙ୍କୁ ବୁଝାଇବାକୁ ସମର୍ଥ ହୋଇଥିବାରୁ ସ୍ୱାଭାବିକ ଭାବେ ମାଓବାଦୀଙ୍କ ଆଡୁ ଲୋକେ ମୁହଁ ଫେରାଇ ନେଉଛନ୍ତି । ଏଥିରେ ଉତ୍‌କ୍ଷିପ୍ତ ହୋଇ ମାଓବାଦୀମାନେ ରାଜନୈତିକ କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରୁଛନ୍ତି । ବିଜେପି ରାଜ୍ୟରେ କ୍ରମ ବର୍ଦ୍ଧିଷ୍ଣୁ ମାଓବାଦୀ କାର୍ଯ୍ୟକଳାପ ନେଇ ସରକାରଙ୍କୁ ଅନେକ ଥର ସତର୍କ କରାଇ ଦେଇଥିଲେ ମଧ୍ୟ ସରକାର ଜନସାଧାରଣ ତଥା ରାଜନୈତିକ କାର୍ଯ୍ୟକର୍ତ୍ତାଙ୍କ ଧନ ଜୀବନ ରକ୍ଷା କରିବାରେ ବିଫଳ ହୋଇଥିବା ଶ୍ରୀ ଓରାମ ଅଭିଯୋଗ କରିଛନ୍ତି । ଏବେ ମଧ୍ୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ନକସଲ ଭୟରେ କେ. ବଲାଙ୍ଗ ଅସ୍ଥାୟୀ ଶିବିରରେ ରହୁଥିବା ପ୍ରକାଶ କରି ଶ୍ରୀ ଓରାମ କହିଛନ୍ତି ଯେ ସୁନ୍ଦରଗଡ ତଥା ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ନକସଲ ଆତଙ୍କବାଦ ସମ୍ପର୍କରେ ସେ ଯଥାଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିବେ । ଝାଡଖଣ୍ଡ ଓଡିଶା ସୀମାରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ସହ ରାଜନେତା ତଥା ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ଆବଶ୍ୟକ ସୁରକ୍ଷା ପ୍ରଦାନ ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ଶ୍ରୀ ଓରାମ ଦାବି କରିଛନ୍ତି । ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ସରକାର ଜନସାଧାରଣଙ୍କ ଧନ ଜୀବନକୁ ସୁରକ୍ଷା ଦେବା ପାଇଁ କଠୋର ପଦକ୍ଷେପ ଗ୍ରହଣ ନ କଲେ ବିଜେପି ସାରା ରାଜ୍ୟରେ ବ୍ୟାପକ ଜନ ଆନ୍ଦୋଳ କରିବ ବୋଲି ଶ୍ରୀ ଓରାମ ପ୍ରକାଶ କରିଛନ୍ତି । ନିହତ ଶୁକୁରା ଓରାମଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୁରଣ ପ୍ରଦାନ ସହ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରୀ ଯୋଗାଇ ଦେବାକୁ ଶ୍ରୀ ଓରାମ ଦାବି କରିଛନ୍ତି ।

# ଅଗ୍ନି–୩ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ଭୁବନେଶ୍ୱର : ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପଣ ହେଇ ପାରୁଥିବା ଅଗ୍ନି କ୍ଷେପଣାସ୍ତ୍ରୀ–୩ର ସଫଳ ପରୀକ୍ଷଣ ଆଜି ହୋଇଯାଇଯାଇଛି । ତୃତୀୟ ଥର ପାଇଁ ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହେଉଛି । ଭଦ୍ରକର ହ୍ୱିଲର ଦ୍ୱୀପରୁ ଆଜି ସକାଳ ୧୦.୪୬ ମିନିଟ ସମୟରେ ଏହି କ୍ଷେପଣାସ୍ତ୍ରୀର ପରୀକ୍ଷଣ କରାଯାଇଥିଲା । ଆଜି ପରୀକ୍ଷଣ ସମୟରେ ସେହିସ୍ଥାନରେ ବହୁ ବିଶିଷ୍ଟ ବୈଜ୍ଞାନିକମାନେ ଉପସ୍ଥିତ ରହିଥିଲେ । ୧୭ ମିଟର ଲମ୍ବ ବିଶିଷ୍ଟ ୨ମି ଓସାରର ଏହି କ୍ଷେପଣାସ୍ତ୍ରଟିର ଓଜନ ୧.୫କେଜି ରହିଛି । ଏଥିରେ ୧.୫ଟନ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି । ଭୂପୃଷ୍ଠରୁ ଭୂପୃଷ୍ଠକୁ ଏହା ୩ହଜାର କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ ବୋଲି ଜଣାପଡିଛି । ଗତ ୨୦୦୬ ମସିହାରେ ପ୍ରଥମ ଥର ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଥିବା ବେଳେ ୨୦୦୭–୦୮ରେ ଦ୍ୱିତୀୟ ଥର ପାଇଁ ପରୀକ୍ଷଣ କରାଯାଇଥିଲା ।

CMYK